ମନ ହରଷ
ପରିବେଶକୁ କର ସରସ

ବୈକୁଣ୍ଠନାଥ ପତି

Digitized by srujanika@gmail.com

ମନ ହରଷ
ପରିବେଶକୁ କର ସରସ

ପିଲାଙ୍କ ପାଇଁ ଗୀତ

ରଚନା

ବୈକୁଣ୍ଠନାଥ ପତି

ପ୍ରକାଶକ

ରାଷ୍ଟ୍ରୀୟ ସାହିତ୍ୟ ସଂସ୍ଥାନ

ସାହିତ୍ୟ ଭବନ, ଭୁବନେଶ୍ୱର

Digitized by srujanika@gmail.com

ମନ ହରଷ
ପରିବେଶକୁ କର ସରସ

MANA HARASA
PARIBESAKU KARA SARASA

ପିଲାଙ୍କ ପାଇଁ ଗୀତ

POEMS FOR CHILDREN

ରଚନା :

ବୈକୁଣ୍ଠନାଥ ପତି

BAIKUNTHANATH PATI

୨୦୧୫ ରେ ଭୁବନେଶ୍ୱର ପୁସ୍ତକମେଳା ଦ୍ୱାରା ପୁରସ୍କୃତ।

ପ୍ରକାଶକ :

ରାଷ୍ଟ୍ରୀୟ ସାହିତ୍ୟ ସଂସ୍ଥାନ

ସାହିତ୍ୟ ଭବନ, ୭୨୨, ଜନପଥ, ୟୁନିଟ୍-୩, ଖାରବେଳ ନଗର,
ଭୁବନେଶ୍ୱର-୭୫୧୦୦୧

Publisher :
RASHTRIYA SAHITYA SANSTHAN
Sahitya Bhawan, 722, Unit-3, Kharbelanagar,
Bhubaneswar-751001

ପ୍ରଚ୍ଛଦ : **ବିନାୟକ ତ୍ରିପାଠୀ**

ଅଳଙ୍କରଣ ଓ ମୁଦ୍ରଣ :
କମ୍ପ୍ୟୁପ୍ରିଣ୍ଟ୍, ଲିଙ୍କ୍ ରୋଡ୍, କଟକ

ପ୍ରଥମ ପ୍ରକାଶ : ୨୦୧୫

1st Edition : 2014

ମୂଲ୍ୟ : ୪୨/-

ISBN - 978-81-931182-0-8

Digitized by srujanika@gmail.com

ଦୁଇପଦ

ଯେଉଁ ଚିନ୍ତାଶୀଳ ବ୍ୟକ୍ତି ତଥା ବୈଜ୍ଞାନିକମାନେ ପରିବେଶ ବିଷୟରେ ଚିନ୍ତା କରୁଛନ୍ତି ବା ଗବେଷଣାରତ ଅଛନ୍ତି, ସେମାନେ ସତର୍କବାଣୀ ଶୁଣାଇ ସାରିଲେଣି ଯେ ଆମର ଏଇ ସୁନ୍ଦର ଓ ସବୁଜ ପୃଥିବୀରୁ ଜୀବନର ସତ୍ତା ଲୋପ ପାଇଯାଇପାରେ । ଆମ ଚାରିପାଖରେ ଯାହାସବୁ ରହିଛି ତାହାହିଁ ପରିବେଶ । କ'ଣ ସବୁ ଅଛି ଆମ ଚାରିପାଖରେ ? ଜଳ, ସ୍ଥଳ, ବନ, ଗିରି ଆକାଶ ଓ ତହିଁର ଊର୍ଦ୍ଧ୍ୱରେ ଥିବା ଅନ୍ତରିକ୍ଷ । ଏ ସମସ୍ତ ଯେ ପର୍ଯ୍ୟନ୍ତ ଜୀବଜଗତ ପ୍ରତି ଅନୁକୂଳ ରହିଥିବେ ସେତେଦିନ ପର୍ଯ୍ୟନ୍ତ ଜୀବଜଗତ ତିଷ୍ଠି ରହିବ । ସେଇଥିପାଇଁ ଆମ ଦେଶର ମନୀଷୀ ତଥା ଦ୍ରଷ୍ଟାଗଣ ଈଶ୍ୱରଙ୍କ ନିକଟରେ ପୃଥିବୀଠାରୁ ଅନ୍ତରିକ୍ଷଯାଏ ସବୁ ସ୍ଥାନରେ କିପରି ଶାନ୍ତି ବିରାଜମାନ କରିବ ସେଥିପାଇଁ ବିନମ୍ର ପ୍ରାର୍ଥନା କରିଯାଇଛନ୍ତି । ସେମାନେ ବୁଝିପାରିଥିଲେ ଯେ ଜଳ, ସ୍ଥଳ, ଓଷଧି, ବୃକ୍ଷଲତା, ସକଳ ପଦାର୍ଥ ଓ ସମସ୍ତ ଦିବ୍ୟଶକ୍ତି ଶାନ୍ତିକାରକ ହେଲେ ଯାଇ ସମସ୍ତେ ଶାନ୍ତିରେ ରହିପାରିବେ ।

ମନୁଷ୍ୟ ନିଜର ଭୋଗବିଳାସ ପାଇଁ ପ୍ରକୃତି ଉପରେ ଅତି ନିର୍ମମ ଭାବେ ଅତ୍ୟାଚାର କରିଚାଲିଛି । ପ୍ରକୃତିର ଶୋଷଣ ପ୍ରକ୍ରିୟା ପଶ୍ଚିମ ଦେଶମାନଙ୍କରୁ ଆରମ୍ଭ ହୋଇ ସମଗ୍ର ପୃଥିବୀକୁ ବ୍ୟାପିଗଲାଣି । ଯେଉଁ ଭାରତବର୍ଷ ବିଶ୍ୱପ୍ରକୃତିକୁ ମା'ରୂପେ ପୂଜା କରିଆସୁଥିଲା, ସେ ମଧ୍ୟ ଶୋଷଣ-ପ୍ରତିଯୋଗିତାରେ ପଛରେ ପଡ଼ିନାହିଁ । ଗାଈ ମୁହଁପାଖରେ ଖାଦ୍ୟପଦାର୍ଥ ରଖି ପହ୍ନାରୁ କ୍ଷୀର ଦୁହିଁବା ହେଉଛି ଆମର ପରମ୍ପରା । ସେ ପରମ୍ପରା ଆଉ ନାହିଁ । ଆମେ ଗାଈକୁ ଖାଇବାକୁ ନଦେଇ ଦୁହିଁବାରେ ଲାଗିପଡ଼ିଛୁ । ଗାଈର ମରିବାଟା ଥୟ ।

ବୈକୁଣ୍ଠନାଥ ପତି
ଜୁନ୍ ୫, ୨୦୧୫
ବିଶ୍ୱ ପରିବେଶ ଦିବସ

Digitized by srujanika@gmail.com

ସୂଚୀପତ୍ର

କ୍ର.ସଂ.	ଗୀତ	ପୃଷ୍ଠା
୧ ।	ପରିବେଶ	୦୫
୨ ।	ପ୍ରକୃତି ମା	୦୭
୩ ।	ପ୍ରକୃତି-ବିଦ୍ୟାଳୟ	୦୮
୪ ।	ଶୁଦ୍ଧବାୟୁ	୦୯
୫ ।	ବୃକ୍ଷଲତା	୧୦
୬ ।	ନୀଳକଣ୍ଠ	୧୧
୭ ।	ବୃକ୍ଷ ହିଁ ଜୀବନ	୧୨
୮ ।	ରୂପ ଓ ଗୁଣ	୧୩
୯ ।	ମୁହଁରେ ଦିଅ, ପଛାରେ ଦୁହଁ	୧୫
୧୦ ।	ବୃକ୍ଷ ଓ ଯକ୍ଷ	୧୭
୧୧ ।	ଝଡ଼ପରର ନୀରବତା	୧୯
୧୨ ।	ଚକ୍ରର ବକ୍ରଦୃଷ୍ଟି	୨୦
୧୩ ।	ସାଧବବୋହୂ	୨୧
୧୪ ।	ମୋ ଗାଁ	୨୩
୧୫ ।	ଧୂମ ଓ ଓଜନ	୨୫
୧୬ ।	ପ୍ରକୃତିର ଆହ୍ୱାନ	୨୬
୧୭ ।	ପ୍ରକୃତି-ମିତ୍ର	୨୮
୧୮ ।	ଭବିଷ୍ୟତ ବାଣୀ	୩୦
୧୯ ।	ସ୍ୱର୍ଗ ଓ ନର୍କ	୩୩
୨୦ ।	ସର୍ବଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ	୩୫
୨୧ ।	ବିଚିତ୍ର ସୃଷ୍ଟି	୩୬
୨୨ ।	ବିବିଧତା	୩୯

Digitized by srujanika@gmail.com

ପରିବେଶ

ଆମ ଚାରିପଟେ ରହିଛି ଯାହା
ପରିବେଶ ଅଟେ ତାହାରି ନାଆଁ ।
ମଣିଷର ବାସ ଗ୍ରାମ ସହର
ବନ ଭୂଇଁ ଅବା ନଭମଣ୍ଡଳ
ଏ ସକଳ ଆମର ପରିବେଶ
ସଞ୍ଚରି ଯାଉଛି ତହିଁରେ ବିଷ ।

ଦିନୁଦିନ ପ୍ରଦୂଷଣ ବଢ଼ଇ
ନାନା ରୋଗବ୍ୟାଧି ବଢ଼ିଚାଲଇ ।
କେତେ ଆବର୍ଜନା କରୁଛୁ ଗଦା
ମଶାବଂଶ ହେବେ କେମିତି ପଦା ?

Digitized by srujanika@gmail.com

ଦୁର୍ଗନ୍ଧରେ ନାକ ପଡୁଛି ଫାଟି
ବେଳେବେଳେ କରିପକାଉ ବାନ୍ତି ।
ଜରି ପଲିଥିନ ହେଲାଣି କାଳ
ବଢ଼ିଚାଲେ ପ୍ରଦୂଷଣ ସହଳ ।
କଳକାରଖାନା ଡାକ୍ତରଖାନା
ମଳ ବର୍ଜ୍ୟବସ୍ତୁ ଯେତେ ଅସନା
ସହରୁ ନିର୍ଗତ ହୁଅଇ ମଳ
ଆମପାଇଁ ସୃଜେ ସମସ୍ୟା ବଡ଼ ।
ନଦୀ ନାଳ ପାଣି ଅପରିଷ୍କାର
ସ୍ନାନ ପାନ ପାଇଁ ଅହିତକର ।
ଭଙ୍ଗା ଯନ୍ତ୍ରପାତି ହେଉଛି ଠୁଳ
ଧନ୍ୟ ମଣିଷ ତୋ କଳକୌଶଳ !
ବିଷାକ୍ତ ରାସାୟନିକ ପଦାର୍ଥ
ପରିବେଶେ ନାଶିବାକୁ ଯଥେଷ୍ଟ ।
ସାଗର ଜଳ ବା ଗଭୀର ତଳ
ଦିନୁଦିନ ପ୍ରଦୂଷଣ ପ୍ରବଳ ।
ନଷ୍ଟ ପରିବେଶେ ମରନ୍ତି ଜୀବ
ନିଜ ହସ୍ତେ ନାଶଯିବ ମାନବ ।

●

Digitized by srujanika@gmail.com

ପ୍ରକୃତି ମା

ମାନବ ଉପରେ ପଡ଼ଇ ପରିବେଶ ପ୍ରଭାବ
ପରିବେଶ ପରେ ଅଯଥା ରାଜକରେ ମାନବ ।
ପରିବେଶ ସାଥେ ଶତ୍ରୁତା କଲେ ନାହିଁ ନିସ୍ତାର
କ୍ରୋଧିତ ପ୍ରକୃତି କରିବ ତା'ର ପକ୍ଷ ବିସ୍ତାର ।
ବାୟୁପ୍ରଦୂଷଣ ନେଇଛି ଏବେ ଉତ୍କଟ ରୂପ
ନିର୍ମାଣ କରିବ ଦିନେ ନା ଦିନେ ଧ୍ୱଂସର ସ୍ତୂପ ।
ସବୁଠାରୁ ବଡ଼ ସମସ୍ୟା ପରିବେଶ ସୁରକ୍ଷା
ନୋହିଲେ ସମୂଳେ ବିଲୁପ୍ତି ଆମ ଭାଗ୍ୟରେ ଲେଖା ।
ମାନବଜାତିର ସମାପ୍ତି ନୁହଁଇ ଅସମ୍ଭବ
ତିଷ୍ଠିରହିବାକୁ ନିୟମ ଗଢ଼ିଛନ୍ତି ଦଇବ ।
ଲଂଘିଲେ ନିୟମ ମରଣେ କରିନେବା ବରଣ
ଆସ ଭାଇ ନେବା ପ୍ରକୃତିମାଆ କୋଳେ ଶରଣ ।

Digitized by srujanika@gmail.com

ପ୍ରକୃତି-ବିଦ୍ୟାଳୟ

ବିଦ୍ୟାଳୟ ଆମ ପ୍ରକୃତି କୋଳ
ଶିକ୍ଷକ ଅଟନ୍ତି ସ୍ୱୟଂ ଈଶ୍ୱର ।
ବୃକ୍ଷଲତା ପତ୍ର ପୁଷ୍ପ ସକଳ
ପୁସ୍ତକ ରୂପରେ ଲଭେ ଆଦର ।

ମହାନ ଏ ବିଦ୍ୟାଳୟେ ଯେ ପଢ଼େ
ଅତି ଯତନେ ତା' ଜୀବନ ଗଢ଼େ ।
ପ୍ରତିକୂଳ ସ୍ଥିତି ସହିତ ଲଢ଼େ
ଆଗକୁ ଆଗକୁ ସାହସେ ବଢ଼େ ।

ହାରେନାହିଁ କେବେ ଜୀବନ ପଥେ
ପ୍ରତି ପରୀକ୍ଷାରେ ସହଜେ ଜିତେ ।
ବିଶାଳ ପ୍ରକୃତି ରହସ୍ୟମୟୀ
ସନ୍ତାନଙ୍କୁ ମାଆପରି ପାଳଇ ।

ମାଆ ଉପରେ ଯେ ସାଧଇ ଦାଉ
ଦେଖାଏ ତା'ପାଶେ ବଢ଼େଇ ଭାଉ
ଦେଖଇ ପ୍ରକୃତି ଭୀଷଣ ରୂପ
ମାଆ ମନୁ ଦୂରକର ସନ୍ତାପ ।

●

Digitized by srujanika@gmail.com

ଶୁଦ୍ଧବାୟୁ

ଶୁଦ୍ଧବାୟୁ କ୍ରମେ ହେଉଛି ଶୂନ୍ୟ
ବିପନ୍ନ ହେଉଛି ଧନଜୀବନ ।
ମିଳିବନାହିଁ ତ ଅମଳଜାନ
ସିଲିଣ୍ଡର ହୁଏ ଅପହରଣ ।
ପଡ଼ୋଶୀ ଆମର ଚାଇନା ଦେଶ
ପରିବେଶେ ଭରିଯାଇଛି ବିଷ ।
ଶୁଦ୍ଧବାୟୁ ବିକ୍ରିହୁଏ ଡବାରେ
ସଚେତନତାର ସୃଷ୍ଟି ଲକ୍ଷ୍ୟରେ ।
ହେଲେ ସଚେତନ ହୁଏନି ନର
ରାକ୍ଷସ ତା'ପରେ ଅଛି ସବାର ।
ବିଳାସବ୍ୟସନ ଅୟସ ପାଇଁ
ପ୍ରକୃତି ଶୋଷଣେ ହୋଇଛୁ ବାଇ ।
ପ୍ରକୃତି କରିବ ତାଣ୍ଡବ ନୃତ୍ୟ
ସେ ସମୟ ଆଉ ଡେରି ନାହିଁ ତ ।
ପ୍ରକୃତିମାଆକୁ କରିଲେ ତୋଷ
ହରିବ ଆମର ଦୁଃଖ ଅବଶ୍ୟ ।

•

Digitized by srujanika@gmail.com

ବୃକ୍ଷଲତା

ମାଟି ଯଦି ଥିବ ବତର
ଉପୁଜିବ ଭଲ ଫସଲ ।
ମିଳୁଥିଲେ ବାୟୁ ଆଲୋକ
କି ଦେଖିବ ମଞ୍ଜି ପୁଲକ ।

ଭଲ ମଞ୍ଜି ବାଛି ପୋତିବ
ଗଜେଇଲେ ଖୁସି ଲାଗିବ ।
ଏକରୁ ତ ଦୁଇ ପତର
ଦୁଇରୁ ତ ସାତ ସତର ।

ଗଛଲତା ଭଲ ବଢ଼ିଲେ
ଡାଳେ ଡାଳେ କଢ଼ି ଧରିଲେ
ଫୁଲରେ ହୁଅଇ ଶୋଭିତ
ମହୁ ପାଇଁ ମାଛି ଲୋଭିତ ।

ଫଳେ ଭରିଯାଏ ଗଛଟି
ନଇଁପଡ଼େ ଜ୍ଞାନେ ଗୁଣୀଟି ।
ପାଟିକୁ ଲାଗଇ ସୁଆଦ
ରୋଗୀ ପାଇଁ ଫଳ ବରାଦ ।

ଗଛଲତା ଆମ ଜୀବନ
ଅସାଧ୍ୟେ କରଇ ସାଧନ ।
ଆସ ମିଳିମିଶି ରୋପିବା
ବୃକ୍ଷଦେବତାଙ୍କୁ ଜପିବା ।

●

Digitized by srujanika@gmail.com

ନୀଳକଣ୍ଠ

ବୃକ୍ଷଲତା ଅଟେ ଜୀବନ ଜୀବଜଗତ ପାଇଁ
ବୃକ୍ଷ ବ୍ୟତିରେକେ କ୍ଷଣେ କେ ବଞ୍ଚିପାରିବେ ନାହିଁ ।
ଶ୍ରେଷ୍ଠତମ ଜୀବ ମନୁଷ୍ୟ, ପଶୁପକ୍ଷୀ ସକଳ
ସରୀସୃପ କୀଟ ପତଙ୍ଗ ନାଶ ଯିବେ ସତ୍ୱର ।

ବୃକ୍ଷରୁ ନିର୍ଗତ ପବନବଳେ ବଞ୍ଚନ୍ତି ଜୀବ
ଅମ୍ଳଜାନ ଯେତେ ଯୋଗାଏ ଉପକାରୀ ସ୍ୱଭାବ ।
ନିଶ୍ୱାସ ମାଧ୍ୟମେ ଦେହରୁ ଯାଏ ବିଷାକ୍ତ ବାୟୁ
ବୃକ୍ଷଲତା ଶୋଷିନିଅନ୍ତି ବଢ଼େ ଜୀବଙ୍କ ଆୟୁ ।
ପିଏ ସେ ଅଙ୍ଗାରକାମ୍ଳ ଦିଏ ଅମ୍ଳଜାନ
ବିଷ ପିଇ ଦିଏ ଅମୃତ ନୀଳକଣ୍ଠ ତା' ନାମ ।

●

Digitized by srujanika@gmail.com

ବୃକ୍ଷହିଁ ଜୀବନ

ବୃକ୍ଷଡ଼ାଳ ମେଲେ ଉପରେ
ଚେର ମାଡ଼ଇ ତଳେ
ଛୁଇଁପାରେ ମାଟିତଳରେ
ଥିବା ମୃତ୍ତିକାସ୍ତରେ ।
ମୂଳଚେରବଳେ ବୃକ୍ଷଟି
କରେ ଜଳ ସଂଗ୍ରହ
ଡାଳେ ଡାଳେ ଜଳକଣିକା
ବାୟୁ ଅମୃତମୟ ।
ସୂର୍ଯ୍ୟାଲୋକ ସହ ମିଶିଲେ
ଅଙ୍ଗାରକାମ୍ଳ ହାତ
ପତର ରୂପକ ଚୁଲିରେ
ହୁଏ ଖାଦ୍ୟ ପ୍ରସ୍ତୁତ ।
ବୃକ୍ଷ ଦେଉଥିବା ଖାଦ୍ୟକୁ
ଖାଇ ବଞ୍ଚନ୍ତି ଜୀବ
କଣିକାଏ ଦାନା ତିଆରି
ଜାଣେନାହିଁ ମାନବ ।
ନାନାବିଧ ବୃକ୍ଷଲତିକା
ଫଳେ ନାନା ଫସଲ
ବୃକ୍ଷ ନଥିଲେ ତ ଗୁଡୁମ୍
ହୋଇଯାନ୍ତା ଅକଲ ॥

●

Digitized by srujanika@gmail.com

ରୂପ ଓ ଗୁଣ

ଘର ଅଗଣାରେ ଆମ୍ବଗଛ ଡାଳେ ଗୀତ ଗାଉଥିଲା କୋଇଲି
କୁହୁ କୁହୁ ତାନ ଶୁଣ ଦେଇ ମନ ବୋଲି ନାତୁଣୀକୁ କହିଲି ।
ନାତୁଣୀ ମୋହର ଭାରି ଖୁସିହୋଇ 'କି ସୁନ୍ଦର ଗାଏ' କହିଲା
କେଉଁଠାରେ ଛପି ବସିଅଛ ପିକ ଦେଖିବାପାଇଁକି ଚାହିଁଲା ।
'ମନ ପ୍ରାଣ ଢାଳି ତନ୍ମୟେ ଗାଉଛି ଗହଳ ପତର ଶାଖାରେ
ଧିଆନ ଭାଙ୍ଗିଲେ ପାରିବନି ଗାଇ ଉଡ଼ିଯିବ ଆମ ଡାକରେ ।
ଗହଳଚହଳ ଲାଗେନାହିଁ ଭଲ ସତେ କି ଭାବୁକ ଚଢ଼େଇ
ଏତେ ଭଲ କଣ୍ଠ ପାଇ ବି ତାହାର ନାହିଁ ତ ଟିକିଏ ବଡ଼େଇ ।'



'କହିଲ ଜେଜେ ହେ ! କୋଇଲିଟି
ଆମ ଦେଖିବାପାଇଁକି କିପରି'
'କଳା ମଚମଚ ଚେହେରା ସାଙ୍ଗକୁ ଆଖି ଲାଲ ଲାଲ୍' କହିଲି

Digitized by srujanika@gmail.com

ଚିହିଙ୍କି ଉଠି ମୋ ଗେହ୍ଲେଇ କହିଲା,

'ପ୍ରଭୁଙ୍କର ଏ କି ବିଚାର'

ବୁଝାଇ କହିଲି ସୁନ୍ଦର ହେଲେ ବି ମହାକାଳଫଳ ଅସାର ।

ଅସୁନ୍ଦର ତାର ଚେହେରା ହେଲେ ବି

କୂଜନ କେତେ ଯେ ମଧୁର

ସମାଜେ ଆଦର ପାଆନ୍ତି ସେମାନେ ତୋହପରି ଯିଏ ସୁଧାର ।

ସଭିଙ୍କର ଭଲ ଗୁଣ ଚିହ୍ନି ଜାଣି କରିପାରେ ଯିଏ ଗ୍ରହଣ

ଭଲ ମଣିଷରେ ଗଣା ହୁଏ ସେହି ଏ ତ ସାଧୁଙ୍କର ଲକ୍ଷଣ ।

ନାତୁଣୀ ଆଗ୍ରହେ କହିଲା ଜେଜେ

ହେ ! 'ଭଲକଣ୍ଠ ମୁଁ ତ ପାଇଛି

ଶିଖାଇ ଦେଲେ ତ ଗାଆନ୍ତି ମୁଁ ଗୀତ,

ଶିଖିବାକୁ ମନ ବଳୁଛି ।'

ଆମ ଦୁହିଁଙ୍କର କଥୋପକଥନ କୋଇଲି କାନରେ ପଡ଼ିଲା

ଉଡ଼ିଆସି ପାଖ ଡାଳରେ ବସି ସେ

'ଶିଖାଇଦେବି ମୁଁ' କହିଲା ।

Digitized by srujanika@gmail.com

ମୁହଁରେ ଦିଅ, ପାହ୍ନାରେ ଦୁହଁ

ଈଶ୍ୱର-ଜୀବ-ପ୍ରକୃତି ତିନିଗୋଟି ସତ୍ୟ
ପ୍ରକୃତି ହୋଇଲେ ରୁଷ୍ଟ ହୋଇବୁ ବିନଷ୍ଟ ।
ପ୍ରକୃତି ଆମର ମାଆ ଆମେ ତା' ସନ୍ତାନ
ଅମଣିଷ ପଶୁକରେ ମାଆକୁ ଶୋଷଣ ।
ପଶ୍ଚିମ ଦେଶ ବିଚାର ପ୍ରକୃତି ଲୁଣ୍ଠନ
ଅସରନ୍ତି ପ୍ରକୃତିକୁ ଭୋଗିବାକୁ ମନ ।
ଯାହା ଯେତେବେଳେ ଲୋଡ଼ା ଦିଅଇ ପ୍ରକୃତି
ଆପଣାର କ୍ଷତି କରୁ ଲୋଭକରି ଅତି
ଅଜ୍ଞାନ ଆମେରେ ହେଲୁ ଅତି ନିରିମମ
ସତ୍ୟପଥ ତେଜି ବୃଥା ଭୋଗୁଛୁ କଷଣ ।

Digitized by srujanika@gmail.com

ଗାଈକୁ ଖୋଇଲେ ଯତ୍ନେ ହୁଏ ହୃଷ୍ଟପୁଷ୍ଟ
ପହ୍ନେଇଲେ ଦୁହୁଁ କ୍ଷୀର, ଖାଦ୍ୟ ମଧ୍ୟେ ଶ୍ରେଷ୍ଠ ।
ନଖୋଇ ଦୁହିଁଚାଲିଲେ ମରଣ ନିଶ୍ଚିତ
ପ୍ରକୃତିମାଆ ବିଚାରୀ ହେଉଛି ଲୁଣ୍ଠିତ ।
ନିଜ ଗୋଡ଼ରେ କୁରାଢ଼ି ମାରିଚାଲୁ ଆମ୍ଭେ
ପ୍ରକୃତିକୁ ହରାଇଛୁ ବୋଲି କହୁ ଦମ୍ଭେ ।
ବିନାଶପଥେ ପ୍ରକୃତି ଦ୍ରୁତ ବେଗେ ଧାଏଁ
ବିନାଶ ହେବେ ପ୍ରାଣୀଏ ଭାବୁଛି ବା କିଏ ?
ମିଳିମିଶି କରୁ ସର୍ବେ ପ୍ରକୃତି ସଂହାର
ସହି ପାରିବେନି ଈଶ ଏତେ ଅହଂକାର

●

Digitized by srujanika@gmail.com

ବୃକ୍ଷ ଓ ଯକ୍ଷ

ଆଗେ ଥିଲା କାଠ ମୁଖ୍ୟ ଜାଳେଣି
ନଥିଲା ତ ସେଥିପାଇଁ ଭାଳେଣି ।
ଜ୍ୱଳନରୁ ହୁଏ ଧୂମ ନିର୍ଗତ
ସେଥିପାଇଁ ଜନେ ଥିଲେ ଚିନ୍ତିତ ।
ଗୋଟିଏ ବୃକ୍ଷ ତ ଗୋଟେ ଜୀବନ
ଜୀବଜଗତର ବନ୍ଧୁ ସେ ଜାଣ ।
ଶୋଷିନେଉଥିଲା ଅଙ୍ଗାରକାମ୍ଳ
ଅମ୍ଳଜାନ ଦେଉଥିଲା ଅପାର ।

ପ୍ରତିଲୋକ ତା'ର ଜୀବନକାଳେ
ରୋପିବାକୁ ଗଛ ପୁଣ୍ୟ ବିଚାରେ ।
ଯେତେ ଗଛ ଯିଏ ଲଗାଉଥିଲା
ସେତେ ପୁଣ୍ୟବାନ ବୋଲାଉଥିଲା ।

Digitized by srujanika@gmail.com

ସାଥେ ସାଥେ ବୃକ୍ଷ ପୂଜନ ବିଧି
ଯୋଡ଼ିଥିଲା ନର ଖଟାଇ ବୁଦ୍ଧି ।
ବର ଓସ୍ତ ଆଦି ବିଶାଳ ଗଛ
ପରିବେଶେ କରୁଥିଲେ ତ ସ୍ୱଚ୍ଛ ।
ତା'ସହିତ ଥିଲା ଯଜ୍ଞବିଧାନ
ଆହୁତିରେ ସୁରକ୍ଷିତ ଓଜନ ।
ଯଜ୍ଞବିଜ୍ଞାନର ବଡ଼ ମହିମା
ପଢ଼ିଲେ ଶୁଣିଲେ ଜାଣିବ ସିନା ।
ଗ୍ରାମେ ଗ୍ରାମେ ହେଉଥିଲା ତ ଯଜ୍ଞ
ଗାଉଥିଲେ ମହିମା ତାର ବିଜ୍ଞ ।
ଜୀବନଧାରଣପଦ୍ଧତି ଆମ
ଯଜ୍ଞଭାବନାରେ ଥିଲା ମହାନ ।
ସେବା ତ୍ୟାଗ ଥିଲା ଆମ ଆଦର୍ଶ ।
ସାରା ବିଶ୍ୱେ ଶ୍ରେଷ୍ଠ ଥିଲା ଏ ଦେଶ ।

●

Digitized by srujanika@gmail.com

ଝଡ଼ପରର ନିରବତା

ଏ ବରଷ ବରଷାରେ ଭୁଲି ହୁଏନି
ଝଡ଼ତୋଫାନରେ ଥରିଥିଲା ଧରଣୀ ।
କେବେ ବରଷିନି ଏତେ କୁଆପଥର
ଗଛଲତାରେ ରଖିନି ଗୋଟେ ପତର ।

ଅସୁମାରି ଚଢ଼େଇଙ୍କ ଜୀବନ ହାନି
ଶୁଭୁନାହିଁ ଆଉ ଏତେ ମଧୁ ରାଗିଣୀ ।
ଦୁଇତିନିଦିନ ଯାଏ ବରଫଜମା
ଏତେ ଗ୍ରହକୂଟ କାରେ ଥିଲା ବା ଜଣା ?

ଶରତ ଆସିବ ସିନା ନାଚେନା ମନ
ତିଳ ତଣ୍ଡୁଳିତ ଛାଇ ହେବ ସପନ
କଅଁଳୁକଅଁଳୁ ପତ୍ର ଗଛଲତାରେ
ଶରତ ବାହୁଡ଼ି ଯିବ ବିରଷଭରେ ।

ନୂଆ ପତ୍ର କଅଁଳିବ ଫୁଟିବ ଫୁଲ
ଏ ବରଷ ବରଷା କି ହେବ ପାସୋର ?
ଯାହା ପଛେ ହେଉ ଉଠୁ ଶରତ ହସି
ଜ୍ୟୋଛନା ବିତିରିଯାଉ ଶରଗଶଶୀ ।

●

Digitized by srujanika@gmail.com

ଚକ୍ରର ବକ୍ରଦୃଷ୍ଟି

ବର୍ଷାରେ କବି ହୁଏ ଆନମନା, ମନ ମୋର ଯାଇ ମେଘେ
ଏତେ ବଡ଼ ଖଣ୍ଡପ୍ରଳୟ ରଚିଲୁ କିପରି ତୁ ଏଡ଼େ ବେଗେ ?
ବୁଝେଇସୁଝେଇ ତୋଷି ପାରିଲେନି ତୋତେରେ କେଦାରନାଥ
ରାଗ ସୁଝାଇଲୁ ମଣିଷ ଉପରେ ସବୁରି ମୂଳେ ତା' ହାତ ।

ପ୍ରଗତିର ନିଶା ଲୋଭ ଗ୍ରାସିଅଛି ପ୍ରକୃତି ଶୋଷଣେ ମାତେ
ନାତ ମାରି ଭାତକଂସାକୁ ଉଡ଼ାଏ ବଢ଼େ ସର୍ବନାଶ ପଥେ ।
ପ୍ରକୃତିର କୋପ ଦେଖିଲା ସେ କାହୁଁ ରହିଛି ଅନେକ ବାକି
ଦେଖିଛି ସୁନାମି, ବାତ୍ୟା ମହାବାତ୍ୟା
ଖୋଲି ନାହିଁ ତା'ର ଆଖି ।

ସୃଷ୍ଟିଚକ୍ର ସହ ଘୂରିଚାଲିଛିରେ ଜୀବନ ଓ ଜଳଚକ୍ର
ଜଳ ବହୁଳରେ ସୃଷ୍ଟି ହୁଏ ନାଶ ବିହୁନେ ଥରଇ ଗାତ୍ର ।
ସ୍ରଷ୍ଟାରବିଚାରେ ସଂରକ୍ଷଣେ ସିନା ତୃପତି ଲଭେ ପ୍ରକୃତି
ପ୍ରକୃତି ପରି ତ ଅତିଷ୍ଠ ଆଜିରେ ମାତୃଭୂମି ମାତୃଜାତି ।

ଅଖ ଭାଙ୍ଗିଗଲେ ଚକ କି ଗଡ଼ିବ, ଖଣ୍ଡଖଣ୍ଡ ହେବ ପହି
ଶୋଷଣେ ନ ମାତି ପୋଷଣେ ମଜ୍ଜିଲେ
ବିନାଶ ଯିବ ଏ ମହୀ ।
ବରଷାରେ ଯାଆ ବୁଝାଇ ସଭିଙ୍କୁ ରିମଝିମ୍ ମଧୁ ସ୍ୱରେ
ଅତି ଲୋଭେ ନାଶ ଯିବୁ ତୁ ବିନାଶି ମା'ମାଟି ପ୍ରକୃତିରେ ।

●

Digitized by srujanika@gmail.com

ସାଧବବୋହୂ

ମଉସୁମୀ ପଦପାତେ ସବୁଜ ଧରାରେ
ସାଧବବୋହୂ ଚାଲନ୍ତି ଘାସ ଗାଲିଚାରେ ।
କି ସୁନ୍ଦର ଦିଶେ ଲାଲ୍ ଟୁକୁଟୁକୁ ବେଶ
ଥିରି ଥିରି ଚାଲି ତା'ର, ଖେଳେ ମୁଖେ ହସ ।

କାହିଁ ଛପି ରହିଥିଲା କିଏ ଅବା ଜାଣେ
ବରଷା ହୋଇଲେ ଧରା ବୁକୁରୁ ଜନମେ ।
ଦିନାକେତେ ପରେ ପୁଣି ହୋଇବ ଉଭାନ
ବରଷକ ପରେ ପୁଣି ଦେବ ଦରଶନ ।



Digitized by srujanika@gmail.com

ପିଲାଙ୍କର ଖୁସି କଥା କହିଲେ ନ ସରେ
ସାଧବବୋହୂ ଦେଖିଲେ ନାଚନ୍ତି ଖୁସିରେ ।
ଯତନେ ଉଠାଇ କେହି ରଖେ ପାପୁଲିରେ
ଉଦୟଭାନୁ କି ତା'ର ହାତ ପାଆନ୍ତାରେ ।

ଦିଆସିଲି ଖୋଳ ଆଣି ରଖେ କେ ତହିଁରେ
କେ ଅବା ସାଇତି ରଖେ କାଚ ବୋତଲରେ ।
'ଅତି ସୁକୁମାର ଜୀବ' - କହିଲେ ବୁଝାଇ
ପିଲାଏ ଦିଅନ୍ତି ଛାଡ଼ି ଅବୁଝା ନ ହୋଇ ।

ସାଧବବୋହୂଙ୍କ ସଂଖ୍ୟା ଆସେ କମିକମି
ବିଷାକ୍ତ ହେଉଛି କ୍ରମେ ବିଲ ଚାଷଜମି
ସାଧବବୋହୂ ତୁ ଦେଉ ପିଲାଙ୍କୁ କି ସୁଖ
ନିରିମମ ନର ବୁଝେନାହିଁ କା'ର ଦୁଃଖ ।



Digitized by srujanika@gmail.com

ମୋ ଗାଁ

ପିଲାଟି ଦିନର ସରଳ ମନର ଅଡୁଆ ତଡୁଆ ପ୍ରଶ୍ନପରି
ଗହଳ ଲତିକା ଘଞ୍ଚ ବନାନୀ ବଢ଼ାଉଥିଲା ମୋ ପଲ୍ଲୀ ଶିରୀ ।
ବର ଓହଳରେ ସାଙ୍ଗ ମେଳରେ ରଜଦୋଳି କେତେ ଲମ୍ଭିଯାଏ
ନିରୀହ ମନର ସ୍ୱପ୍ନ ଭିତରେ କଳାକାର କିଏ ରଙ୍ଗୁଥାଏ ।
ବଉଳକୁସୁମଗୁନ୍ଥା ମାଳାରେ କବରୀ ସଜାଏ ପଲ୍ଲୀବାଳା
କୁଆଁରପୂନେଇ ଜହ୍ନ ଆଲୁଏ ଲାଗିଯାଏ କେତେ ପୁଞ୍ଚିଖେଳା ।
ଆମ୍ବ ପାଚିଲେ ଗହଳି ତୋଟାରେ
ପିକ ଦିଏ ଡାକ ଘଞ୍ଚ ଡାଳେ
ରହି ରହି ବାହା ଦୋହଲାଏ ଡାଳ
ଗଳିପଡ଼େ ପକ୍ୱ ଆମ୍ବ ତଳେ ।

Digitized by srujanika@gmail.com

ପିଲାଟିଦିନର ଶାନ୍ତ ମନଟି ହଜିଗଲା ସିନା ବୟସ ସାଥେ
ଗାଁଟି ମୋହର ଗାଁ ପରି ଆଉ ଦିଶୁନାହିଁ କାହିଁ କହତ ସତେ ?
ବୃକ୍ଷଲତା ଏବେ ସ୍ୱପ୍ନ ହେଲାଣି ଲଙ୍ଗଳା
ଦିଶେ ଗାଁଆଟି ମୋର
ଇଟାଭାଟି ପରେ ଇଟା ଭାଟି ବସେ
ନାକ ଫାଟିପଡ଼େ ଗନ୍ଧେ ତାର ।
ଧୀରେ ଧୀରେ ମାଡ଼ି ଆସୁଛି ସହର ଘୁଞ୍ଚି ଘୁଞ୍ଚି ଯାଏ ପୁଞ୍ଚି ଖେଳ
ତିଳତଣ୍ଡୁଳ ଛାଇ ଆଉ ନାହିଁ ମରିହଜିଗଲେ କୃଷ୍ଣସାର ।
ପିଲାଟିଦିନର ସ୍ୱପ୍ନ ସକଳ ଶିଶିର ସମାନ ଗଲା ତ ଶୁଖି
ମୂଲକର ଶେଷ କୃଷ୍ଣସାରଟି ଡେଇଁ ପଡ଼ିଥିଲା ନଈପାଣିକି ।

Digitized by srujanika@gmail.com

ଧୂମ ଓ ଓଜନ

କଳକାରଖାନା ଗାଡ଼ି ମଟର
ଧୂଆଁ ଛାଡୁଛନ୍ତି ନିତି ପ୍ରବଳ ।
ସାରା ଆକାଶଟା ହୁଏ ଧୂମାଳ
ଅଙ୍ଗାରକଳା ଛେପ ଖଙ୍କାର ।
ଯଥାବିଧି ପ୍ରତିକାର ତ ନାହିଁ
ଜୀବଜଗତର ହଂସା ଉଡ଼ଇ ।
ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା
ଦେଉଛି ଆରାମ ହେଉ ହୀନସ୍ଥା ।
ଫ୍ରିଜ ଆଉ କମ୍ପ୍ରେସରରୁ ଯେଉଁ
ନିର୍ଗତ ହୁଅଇ ଦୂଷିତ ବାୟୁ,
ପରିବେଶ ପାଇଁ କ୍ଷତିକାରକ
ସାବ୍ୟସ୍ତ ହୋଇବ ପ୍ରାଣନାଶକ ।
ଆମ ପାଇଁ ଲୋଡ଼ା ଓଜନ ବାତ
ଓଜନ ସ୍ତରରେ ହେଲାଣି ଫାଟ,
ମରଣରଶ୍ମି ତ ଆସିବ ମାଡ଼ି
ତାପମାତ୍ରା ଯିବ ବହୁତ ବଢ଼ି ।
ନାନା ରୋଗବଇରାଗ ଗ୍ରାସିବ
ସବୁଜ ଧରଣୀ ଶ୍ମଶାନ ହେବ ।
ଜଙ୍ଗଲକୁ କରୁ ନିର୍ମମେ ସଫା
ଶେଷ ହୋଇଯିବ ମଣିଷ ଦଫା ।
ଆଣ୍ଠପଣ ତା'ର ଅଢ଼େଇ ଦିନ
ସରିଆସେ ପ୍ରାଣୀଜଗତ ଦିନ ।

Digitized by srujanika@gmail.com

ପ୍ରକୃତିର ଆହ୍ୱାନ

ଦିନ ଥିଲା ଯେବେ ମଣିଷ ଥିଲା ଭାରି ଦରଦୀ
ପ୍ରକୃତିମାଆଠୁ ଶିଖିଲା ଜ୍ଞାନ ବିବେକ ବୁଦ୍ଧି ।
ପ୍ରକୃତି ଥିଲା ତ ପରମ ମିତ୍ର ମଣିଷ ପାଇଁ
ମଣିଷଠୁ ବଳି ନିର୍ଦ୍ଦୟ ଶତ୍ରୁ ଆଜି କେ ନାହିଁ ।

ଗପସପ ହେଉଥିଲା ସେ ଦିନେ ଅରଣ୍ୟ ସହ
ବୃକ୍ଷଲତାଙ୍କର ବଚନୁ ଲଭୁଥିଲା ଅମିୟ ।
ଭାବ ଦିଆନିଆ ଉତ୍ତମ ବୁଝାମଣା ଫଳରେ
ତାପମାତ୍ରା ଥିଲା ଜୀବନ ଉପଯୋଗୀ ଧରାରେ ।

ସେକାଳ ପଖାଳ ଗଲାଣି ପଥ ହୁଡ଼େ ମଣିଷ
ଆପଣାର ଗୋଡ଼େ କୁରାଢ଼ି ମାରେ ଲୁଟି ସର୍ବସ୍ୱ ।
ତ୍ରୁଟି ପରେ ତ୍ରୁଟି କରୁଛି ଚୁଟି ପ୍ରକୃତି ହାତେ
କିଏ ଜାଣେ କେଉଁ ମୁହୂର୍ତ୍ତେ ଖସିପଡ଼ିବୁ ଖାତେ ।

Digitized by srujanika@gmail.com

ଉଚ୍ଚ ତାପମାତ୍ରା କାରଣୁ ମାଡ଼ିଆସେ ବିପଦ
ବରଫ ଉସ୍ସ ଯେ ତରଳେ ମେରୁ ଗଣେ ପ୍ରମାଦ ।
କିଛି ସ୍ଥାନ ହେବ ସମୁଦ୍ର, କିଛି ମରୁ ଅଞ୍ଚଳ
ନେଡ଼ିଗୁଡ଼ ଛୁଏଁ କହୁଣି ଚିତ୍ତେ ଚିନ୍ତ ଚଞ୍ଚଳ ।

ଅତି ଲୋଭୁ ଇତି ହୋଇବ ଆମ ଧନ ଜୀବନ
ପ୍ରକୃତି ବିଜୟ ସପନ ତୁଟିଯିବ ବହନ ।
ବୈଚିତ୍ର୍ୟମୟ ଏ ସୃଷ୍ଟିରେ ଆମ ଧରଣୀ ସାର
ବିଧାତାଙ୍କ ଆଶୀର୍ବାଦରେ ଦିଶଇ ମନୋହର ।

ଗଛବୃଛ କାଟିପକାଉ ବଣଜଙ୍ଗଲ ପଦା
ପାଲଟିଗଲାଣି ପୃଥିବୀ ବଡ଼ ଅଳିଆଗଦା ।
ଯେଣେ ଚାହଁ ତେଣେ ପଡ଼ିଛି ଆବର୍ଜନା ଅଳିଆ
ସବୁଜଗୃହରେ ଗଲାଣି ପଡ଼ି ବଡ଼ ଘଳିଆ ।

ବର୍ଜ୍ୟବସ୍ତୁ ସହ ପ୍ଲାଷ୍ଟିକ ବିପଦର କାରଣ
ରାସାୟନିକର ପ୍ରଭାବେ କଷ୍ଟ ପ୍ରାଣଧାରଣ ।
ଫାଟର ଆକାର ବଢୁଛି ସିନା ଓଜନସ୍ତରେ
ମରଣରଶ୍ମିର ପ୍ରଭାବେ ନାଶ ଯିବେ ସକଳେ ।

ଉର୍ବର ମୃତ୍ତିକା ପାଲଟିଲାଣି ପଡ଼ିଆଭୂମି
ବେଳକାଳ ସରିଆସୁଛି ନାଶଯିବେ ତ ପ୍ରାଣୀ ।
ମାନବସମାଜ ନିକଟେ ଏବେ ବଡ଼ ଆହ୍ୱାନ
ବଞ୍ଚାଇ ଧରଣୀମାତାକୁ ଆପେ ବଞ୍ଚରେ ଧନ ।

●

Digitized by srujanika@gmail.com

ପ୍ରକୃତି-ମିତ୍ର

ପ୍ରକୃତିର ବନ୍ଧୁ ଅନେକ ସିନା
ଉଡ଼ାଉଛୁ ଆମେ ବିଜୟ ବାନା ।
କରୁ ଅତ୍ୟାଚାର ପ୍ରକୃତି ପରେ
ଭୟଙ୍କର ହୁଏ ସେ ବେଳେବେଳେ ।

ଶାଗୁଣା ସମାନ ପ୍ରକୃତି ମିତ୍ର
ବଂଶ ତାଙ୍କ ଦିନୁଦିନ ବିଲୁପ୍ତ ।
ବିନାଶ କାରଣ ଅଜ୍ଞ ମନୁଷ୍ୟ
ଜାଣିପାରୁନି ସେ ଭୂତ ଭବିଷ୍ୟ ।

Digitized by srujanika@gmail.com

ଦୂର ନଭେ ଥାଇ ଶବ ଦେଖିଲେ
ଉଡ଼ିଆସୁଥିଲେ ସଦଳବଳେ
ଚଟାପଟ କରି ଶବ ଆହାର
କରୁଥିଲେ ବିଶ୍ୱେ ସେ ପରିଷ୍କାର ।

ପରିବେଶ ହୁଏ ଜୀବାଣୁମୁକ୍ତ
ଜୈବବିଜ୍ଞାନୀଏ ଏବେ ଚିନ୍ତିତ ।
ଶବ ପଚି ହୁଏ ଦୁର୍ଗନ୍ଧ ଜାତ
ଶାଗୁଣା ବିଲୁଆବଂଶ ସମାପ୍ତ ।

ଡାଇକ୍ଲୋଫେନାକ ଯେ ବିଷ ଔଷଧ
ଶାଗୁଣାଙ୍କୁ କରେ ନିର୍ମମେ ବଧ ।
ଗୋରୁଗାଈ ଆଉ ମଣିଷ ଦେହେ
ଏହି ଓଉଷଧି ପ୍ରଭାବ ରହେ ।

ସେମାନଙ୍କ ଶବ ଖାଏ ଶାଗୁଣା
ନାଶ ହୁଏ ତାର କିଡ଼ିନୀ ସିନା
ପୋକମରା ଯେତେ ଔଷଧ ଫଳେ
ପକ୍ଷୀକୁଳ ନାଶ ହୁଅନ୍ତି ହେଳେ ।
ଭୂମି ଉର୍ବରକ ଜିଆ ବି ମରେ
ବିନାଶ ହୋଇବେ ସର୍ବେ ଅଚିରେ ।

●

Digitized by srujanika@gmail.com

ଭବିଷ୍ୟତ ବାଣୀ

ଆମେ ତ ସବୁ ଫଟା ପଲଖା
ଜଳିବା ଆମ ଭାଗ୍ୟରେ ଲେଖା ।
ଶିଖିନୁ ଆମେ ସଳଖି ଚାଲି
ଶିକ୍ଷାରେ ଲାଗେ କଳଙ୍କି ଖାଲି ।

ଅପଦାର୍ଥର କଳଙ୍କ ମୁଣ୍ଡେ
ଫୁଟେନା ଭାଷା ଆମରି ତୁଣ୍ଡେ ।
ହାତ ପଦରେ ପଡ଼ିଛି ବେଡ଼ି
ଗଢ଼ିବୁ ଦେଶ କିପରି ଲଢ଼ି ?

ଲଢ଼ିବା ପାଇଁ କାଢ଼ିଲେ ଗୋଡ଼
ସହିବୁ ଅତ୍ୟାଚାରୀଙ୍କ ତୋଡ଼ ।
ଆଇନ ତାଲା ଠୁକିଛି ମୁହେଁ
ଖୁଆଉ ଆମେ ଆନ କେ ଦୁହେଁ ।

Digitized by srujanika@gmail.com

କି ନାରଖାର ପ୍ରକୃତି ମାଆ
ଆମକୁ ସିନା ଦଇବ ସାହା ।
ବିନାଶିଚାଲେ ଭ୍ରଷ୍ଟ ଓ ଦୁଷ୍ଟ
ବୁଝିନପାରୁ ପ୍ରକୃତି ରୁଷ୍ଟ !

ଖଣ୍ଡପଳୟ ବେଳା ଆସନ୍ନ
ବିଶ୍ୱ ହୋଇବ ମହାଶ୍ମଶାନ
ପୋକ ମାଛିଠୁ ଜୀବ ମଣିଷ
ମରିବେ ପିଇ ଖାଇ ଯେ ବିଷ ।

ଅମ୍ଳଜାନର ଘୋର ଅଭାବ
ଅଙ୍ଗାରକାମ୍ଳେ ଜୀବନ ଯିବ ।
ମରଣରଶ୍ମି ଆସିବ ମାଡ଼ି
ମରିବୁ ନିଆଁରେ ଜଳିପୋଡ଼ି ।

ଚର୍ମକର୍କଟ ଯିବ ତ ବ୍ୟାପୀ
ଦୁର୍ଦ୍ଦିନ ଛବି ନୁହେଁ କଳପି ।
ବରଫ ଉସ୍ତ ଯିବ ତରଳି
ସାତ ସମୁଦ୍ର ଯିବେ ଉଛୁଳି ।

ବୁଡ଼ିବ କେତେ ଦେଶ ଭୂଖଣ୍ଡ
ଭୌରବତାକ ହେବ ପ୍ରଚଣ୍ଡ ।
ମାଟି ପ୍ରକୃତି ମାଆକୁ ଲୁଟି
ବୁଡ଼ି ମରିବେ କେତେ ଶ'କୋଟି ।

Digitized by srujanika@gmail.com

ଶୃଙ୍ଖଳା ହେବ ତ କେତେ ଯେ ନଈ
ଟାଙ୍ଗରା ହେବ ଶ୍ୟାମଳ ମହୀ ।
ସୃଷ୍ଟି ହୋଇବ ଥର ସାହାରା
ମରୁ ଅଞ୍ଚଳ ହୋଇବ ଧରା ।

ଭୟଙ୍କର ସେ ଆଗତ ଛବି
ଭାବିଲେ ପାରିବ ଅନୁଭବି ।
ଅର୍ଦ୍ଧଶତାବ୍ଦୀ ପରର ଦୃଶ୍ୟ
କି ଭୟଙ୍କର ସ୍ରଷ୍ଟା ବିବଶ ।

ଏବେ ତ ଲୋକ ସାତ ଶ' କୋଟି
ନଥିବେ ଲୋକ ଥିବ ଏ ମାଟି
ଥିଲେ ଥିବେ ତ ଦି'ଚାରି କୋଟି
ବିହନ ହେବେ ସେଇମାନେଟି ।

ଭାବୁଛ କି ମୁଁ ପ୍ରଳାପ କରେ ?
କବି ମୁଁ ଦେଖେ ଦିବ୍ୟ ନେତ୍ରରେ
କହିଲି ଯାହା ସତ୍ୟ ସୃଷ୍ଟିରେ
ଭାଗ୍ୟେ ରହଛି ଅନାବୃଷ୍ଟିରେ ।

ଜାଣେ ମୁଁ କିଛି ଉପାୟ ନାହିଁ
ଇଡିଲା ଖିର ଫେରିଛି କାହିଁ ?
ବହିଲା ନଈ ବାହୁଡ଼େ ନାହିଁ
କର୍ମଫଳକୁ ଚାହିଁଛୁ ରହି ।

●

Digitized by srujanika@gmail.com

ସ୍ୱର୍ଗ ଓ ନର୍କ

ଜନସଂଖ୍ୟା ବୃଦ୍ଧି ସମସ୍ୟା ବାସ ଖାଦ୍ୟ ନିମନ୍ତେ
ପ୍ରକୃତି ହୁଅଇ ଶୋଷିତ ବଢୁ ବିଲୟ ପଥେ ।
ପ୍ରକୃତି ନିକଟେ ସଞ୍ଚିତ ଅଛି ବହୁ ସମ୍ପଦ
ଲୁଣ୍ଠନେ ଅତିଷ୍ଠ ପ୍ରକୃତି ଆମ ପାଇଁ ବିପଦ ।

ଆବଶ୍ୟକତାକୁ କମାଇ ପ୍ରକୃତିକୁ ସଜାଡ଼
ଲୋଭ କଲେ ଯିବ ଜୀବନ ଭାଙ୍ଗିଯିବରେ ତୋଡ଼ ।
ମନମାନି ଯୋଗୁ ଦିନକୁଦିନ ସ୍ଥିତି ଜଟିଳ
ଲୋଭ ଗ୍ରାସିବାରୁ ମଣିଷ ପାଲଟିଛି ଜଟିଳ ।

Digitized by srujanika@gmail.com

ଜଳବାୟୁ ପରିବର୍ତ୍ତନ ହେବ ଧ୍ୱଂସକାରଣ
ସ୍ୱେଚ୍ଛାଚାର ହେତୁ ହୋଇବ ଅକାଳରେ ମରଣ ।
ପ୍ରକୃତି ବିନାଶେ ବିଲୁପ୍ତ ହୁଏ ସୃଜନୀଶକ୍ତି
ତ୍ୟାଗ ଆଧାରିତ ଭୋଗରେ ସିନା ମିଳଇ ତୃପ୍ତି ।

ପ୍ରକୃତିରକ୍ଷଣେ ଯତନ ଲୋଡ଼ା କୁହନ୍ତି କବି
ଦେଇଛନ୍ତି ପ୍ରଭୁ ଆମକୁ ଗୋଟିଏ ମାତ୍ର ଚାବି
ସ୍ୱର୍ଗ ଆଉ ନର୍କଦ୍ୱାରରେ ସେଇ ଏକଇ ତାଲା
କେଉଁଦ୍ୱାର ଆମେ ଖୋଲିବା ବାରେ ଭାବ ତ ଭଲା ।

●

Digitized by srujanika@gmail.com

ସର୍ବଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ

ଚଢ଼େଇ ଉଡ଼ଇ ଆକାଶେ
ମୀନ ବୁଡ଼ଇ ଜଳେ
ବିଧିର ବିଧାନେ ମଣିଷ
ଚାଲେ ମାଟି ଉପରେ ।
ହେଲେ ବୁଦ୍ଧିବଳେ ମାନବ
ଉଡ଼ାଜାହାଜେ ଉଡ଼େ
ଜଳଜାହାଜରେ ଭ୍ରମଇ
ବୁଡ଼ାଜାହାଜେ ବୁଡ଼େ ।
ମହାକାଶଯାନ ଗଢ଼ି ସେ
ଚନ୍ଦ୍ରେ ଦେଇଛି ପାଦ
ମହାକାଶେ ବୁଲେ ନ ଡ଼ରି
ଯେତେ ବାଧା ବିପଦ ।
ସାଗର ତଳକୁ ଛୁଅଁଇ
ଜାଣେ ରହସ୍ୟ ତା'ର
ସର୍ବଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ
ତୀକ୍ଷ୍ଣ ମସ୍ତିଷ୍କ ସାର ।
ଏତେ ଉପରକୁ ଉଠି ବି
ସେ ତ ହୃଦୟହୀନ
ପ୍ରକୃତିମାଆକୁ କନ୍ଦାଏ
ନାହିଁ ବିବେକ ଜ୍ଞାନ ।

●

Digitized by srujanika@gmail.com

ବିଚିତ୍ର ସୃଷ୍ଟି

ଏତେ ପ୍ରାଣୀ କାହିଁ ଗଢ଼ିଛ
କିଛି ହୁଏନା ବୁଝି
ପ୍ରାଣ ହୋଇ ତୁମେ ସଭିଙ୍କ
ମଧ୍ୟେ ଅଛ ବିରାଜି ।

କିଏ ବା ବୁଝିଛି ତୁମକୁ
ସୃଷ୍ଟି ବିଚିତ୍ର ତୁମ
ଯେତେ ଶରୀରକୁ ସେତିକି
ବଞ୍ଚିବାର ନିୟମ ।

Digitized by srujanika@gmail.com

ଶରୀରକୁ ଚାହିଁ ସଭିଙ୍କୁ
ବାସସ୍ଥାନ ଦେଇଛ
ଦେହକୁ ଚାହିଁ ତ ଭୋଜନ
ସବୁ ଖଞ୍ଜି ରଖିଛ ।

ସ୍ଥଳଭାଗେ କିଏ ବିହରେ
କିଏ ଜଳଭାଗରେ
କେହି ଜଳସ୍ଥଳ ଉଭୟ
ସ୍ଥାନେ ଅବା ବିହରେ ।

Digitized by srujanika@gmail.com

ପକ୍ଷ ଦେଇ ପକ୍ଷୀ ଗଢ଼ିଛ
ଉଡ଼ିବୁଲେ ଆକାଶେ
ଉଡ଼ି ଉଡ଼ି ଥକି ପଡ଼ିଲେ
ଗଛଡାଳରେ ବସେ ।

କିଏ ରହେ ବଣ ମୂଳକେ
ପାହାଡ଼ ପରବତେ
ମୂଷା ପରି ଜୀବ ରହନ୍ତି
ମାଟି ଖୋଳିଣ ଗାତେ ।

●

Digitized by srujanika@gmail.com

ବିବିଧତା

ପତର କାହିଁକି ସବୁଜ ଦିଶଇ, ଆକାଶ ଦିଶୁଛି ନୀଳ ?
କି ଲାଗି ଜଗତେ ବିକଶିତ ହୁଏ ନାନା ରଙ୍ଗେ ନାନା ଫୁଲ ?
ଉଦୟ ଅସ୍ତ ବେଳାରେ କାହିଁକି ରଙ୍ଗିନ ନଭଦେଶ ?
ଋତୁ ବଦଳିଲେ ଧରଇ ଧରଣୀ କାହିଁ ନୂଆ ନୂଆ ବେଶ ?

ସ୍ୱଚ୍ଛ ଜଳରାଶି ହେଲେ ଜଳଧର ଦିଶୁଅଛି କାହିଁ କଳା ?
ଚିତ୍ରିତ ପୁଚ୍ଛ କାହିଁ କେକୀ ଚୂଳେ, ଶ୍ୟାମଳ ଯଶୋଦାବଳା ?
ରଙ୍ଗ ଯେପରି ଅନେକ ସେପରି କି ଲାଗି ସପତ ସ୍ୱର ?
ବୁଦ୍ଧି କାହାର ଦୀପ୍ତ ପ୍ରଖର ମନ୍ଦ ବୁଦ୍ଧି ବା କାର ।

Digitized by srujanika@gmail.com

ମସ୍ତିଷ୍କ ତୀକ୍ଷ୍ଣ ହେଲେ ବି ମାନବ କାହିଁକି ହୃଦୟହୀନ ?
ଚତୁର ହେଲେ ବି ଦରଦୀ ହୁଏନା କାହିଁକି ମନୁଷ୍ୟ ପ୍ରାଣ ?
ହୃଦୟରେ କା'ର ପ୍ରେମର ଫଲ୍‌ଗୁ ସେନେହ ଦୟା ମମତା
ନିଷ୍ଠୁର କେହି ଉକତରେ ହୋଲି ଖେଳି ଦେଇଥାଏ ବ୍ୟଥା ।
ଏକ ଫୁଲେ ବାସ ଆନେ ପଚା ଗନ୍ଧ ଗନ୍ଧହୀନ ପୁଣି କେହି
ଏମିତି କାହିଁକି ଗଢ଼ିଛି ବିଧାତା, କିଛିର ଉତ୍ତର ନାହିଁ
ଏକ ଅଦ୍ୱିତୀୟ ସତ୍ୟ ଅଥଚ ସବୁଥିରେ ବିବିଧତା
କିଛିର ଉତ୍ତର ଖୋଜି ପାଏ ନର, କିଛି ପ୍ରଶ୍ନେ ଘୂରେ ମଥା ।

●

Digitized by srujanika@gmail.com

ପ୍ରକୃତି ଆମର ଜରୁରୀ ଆବଶ୍ୟକତା ପୂରଣ କରେ । ସେ ଲୁଣ୍ଠିତା ହେଲେ ଆମ୍ଭେମାନେ ସବୁ ଲକ୍ଷ୍ମୀଛଡ଼ା ହୋଇଯିବା, ଆମକୁ ଦାନା କନା ମଧ୍ୟ ମିଳିବ ନାହିଁ । ଚଢ଼େଇଟିଏ ସବୁଦିନେ ସୁନାର ଅଣ୍ଡାଟିଏ ଦିଏ । ଥରେ ଜଣେ ଲୋଭୀ ମଣିଷ ଚଢ଼େଇ ପେଟରେ ଅନେକ ଅଣ୍ଡା ଥିବ ଭାବି ସବୁତକ ଅଣ୍ଡା ଏକାଥରକେ ପାଇବା ଆଶାରେ ବିଶ୍ୱାସରେ ବିଷ ଦେଇ ତାକୁ ମାରଦେଲା । ଚଢ଼େଇ ତ ମଲା, ତା ସହିତ ଲୋଭୀ ଲୋକଟି ପ୍ରତିଦିନ ଯେଉଁ ଗୋଟିଏକରି ଅଣ୍ଡା ପାଉଥିଲା, ତା' ମଧ୍ୟ ବନ୍ଦ ହୋଇଗଲା । ଓଲଟି ଚଢ଼େଇଟିର ଅଭିଶାପ ଫଳରେ ଲୋଭୀ ଲୋକଟି ମୃତ୍ୟୁ ମୁଖରେ ପଡ଼ିଲା । ପରିବେଶ ସୁନା ଅଣ୍ଡାଦିଆ ଚଢ଼େଇ ପରି । ତାକୁ ବଞ୍ଚାଇରଖି ବଞ୍ଚିବାର ଉପାଦାନ ସବୁ ହାସଲ କରିବା ନା ମାରିଦେଇ ନିଜେ ମରିବା, ଏ କଥା ଚିନ୍ତା କରିବାର ବେଳ ଆସିଛି ।

ଏ କଥାଟିକୁ ପିଲାମାନଙ୍କୁ ବୁଝାଇବା ସହଜ କଥା ନୁହେଁ । ତଥାପି ଲେଖକ ଫଳାଫଳକୁ ଅପେକ୍ଷା ନକରି ଚେଷ୍ଟା କରିଛନ୍ତି । ତାଙ୍କର ଉଦ୍ୟମ ସଫଳ ହେଉ ।

ପ୍ରକାଶକ

ପ୍ରକାଶକ
ରାଷ୍ଟ୍ରୀୟ ସାହିତ୍ୟ ସଂସଦ
ସାହିତ୍ୟ ଭବନ, ଭୁବନେଶ୍ୱର

Digitized by srujanika@gmail.com